# NATIONAL NEWS BULLETIN (ODIA)

**28 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗର୍ଭାଶୟ କର୍କଟ ରୋଗକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଆଜି ହ୍ୟୁମାନ୍ ପାପିଲୋମା ଭାଇରସ୍-ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- ଆତ୍ମନିର୍ଭରତା ହେଉଛି ନବସୃଜନ, ଉତ୍ପାଦନ, ଗବେଷଣା ଏବଂ ଆହ୍ୱାନ ସମାଧାନ ଦିଗରେ ଏକ ଦକ୍ଷ ପଦକ୍ଷେପ, କହିଲେ ଉପରାଷ୍ଟ୍ରପତି

- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପଶ୍ଚିମବଙ୍ଗରେ ପ୍ରକାଶ ପାଇଲା ଅସମାପ୍ତ ଚୂଡ଼ାନ୍ତ ଭୋଟର ତାଲିକା

- ଇସ୍ରାଏଲ୍ ଓ ଆମେରିକା ପକ୍ଷରୁ ଇରାନ ଉପରେ ହୋଇଛି ଆକ୍ରମଣ

–ଇସ୍ରାଏଲ୍‌ରେ ପ୍ରବାସୀ ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ

ଏବଂ

- ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍‌ର ଆଜି ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ ମ୍ୟାଚ୍ ।

---

## ପିଏମ୍-ରାଜସ୍ଥାନ

ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାପିଲୋମା ଭାଇରସ୍ - HPV ଟିକାକରଣ ଅଭିଯାନର ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଛନ୍ତି । ୧୪ ବର୍ଷ

ବୟସର କନ୍ୟାଙ୍କୁ ଏହି ଟିକାକରଣ ମାଧ୍ୟମରେ ଭବିଷ୍ୟତର ଗର୍ଭାଶୟ କର୍କଟ ରୋଗକୁ ପ୍ରତିହତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ରାଜସ୍ଥାନର ଆଜମେରଠାରେ ଏହି ଅଭିଯାନର ଶୁଭାରମ୍ଭ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ମହିଳା ସଶକ୍ତିକରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମହିଳାଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସୁରକ୍ଷାକୁ ଏହା ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଦେଶବ୍ୟାପୀ ମହିଳା ସଶକ୍ତିକରଣ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ।

**V/O (PM)**

ରାଜସ୍ଥାନକୁ ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ୧୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ରାଜସ୍ଥାନର ଐତିହ୍ୟ ଓ ବିକାଶକୁ ବିଜେପିର ଡବଲ ଇଞ୍ଜିନ ସରକାର ତ୍ୱରାନ୍ୱିତ କରୁଛି ବୋଲି ସେ କହିଛନ୍ତି । ଅଭିଯାନର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ୫ ଜଣ ବାଳିକାଙ୍କୁ ଟିକାକରଣ କରାଯାଇଛି । ଟିକାକରଣ ପରେ ଶ୍ରୀ ମୋଦୀ ସେହି ପିଲାମାନଙ୍କ ସହ ମତ ବିନିମୟ କରିଛନ୍ତି ।

---

# ଡିପିଡିଓ କନ୍‌ଭୋକେସନ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ଆତ୍ମନିର୍ଭରତା ହେଉଛି ନବସୃଜନ, ଉତ୍ପାଦନ, ଗବେଷଣା ଏବଂ ଆହ୍ୱାନର ସମାଧାନ ଦିଗରେ ଏକ ଦକ୍ଷ ପଦକ୍ଷେପ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୧୦୨ତମ ସମାବର୍ତ୍ତନ ଉତ୍ସବକୁ ଆଜି ସମ୍ବୋଧନ କରି ଉପରାଷ୍ଟ୍ରପତି ଗବେଷଣା, ଉଦ୍ୟୋଗ ଏବଂ ସ୍ୱଦେଶୀ ଜ୍ଞାନ ପ୍ରଣାଳୀର ବାହକ ହେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ସମାବେଶୀ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଉପଯୋଗ, ସାମାଜିକ ସମନ୍ୱୟ, ପରିବେଶଗତ ସ୍ଥିରତା,

ସ୍ୱଚ୍ଛ ଏବଂ ଦାୟିତ୍ୱସମ୍ପନ୍ନ କ୍ଷେତ୍ର ସୃଷ୍ଟି କରିବା ହେଉଛି ବିକଶିତ ଭାରତ ଦୃଷ୍ଟିକୋଣର ମୁଖ୍ୟ ଉଦ୍ଦେଶ୍ୟ । ସେ କହିଛନ୍ତି, ଆତ୍ମନିର୍ଭର ଏବଂ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଯୁବବର୍ଗଙ୍କ ସାଧୁତା, ଦକ୍ଷତା, ସମ୍ବେଦନଶୀଳତା ଏବଂ ନବସୃଜନ ମନୋଭାବ ଉପରେ ନିର୍ଭର କରିବ ।

ବିଶ୍ୱବିଦ୍ୟାଳୟର ସ୍ନାତକଙ୍କୁ ପ୍ରଶଂସା କରି ଶ୍ରୀ ରାଧାକ୍ରିଷ୍ଣନ  ସେମାନଙ୍କ ମଧ୍ୟରେ ୫୦ ପ୍ରତିଶତରୁ ଅଧିକ ମହିଳା ସ୍ନାତକ ଏବଂ ୭୦ ପ୍ରତିଶତରୁ ଅଧିକ ମହିଳା ସ୍ୱର୍ଣ୍ଣପଦକ ବିଜେତା ହୋଇଥିବା ନେଇ ଆନନ୍ଦ ପ୍ରକାଶ କରିଛନ୍ତି । ଦେଶରେ ନାରୀଶିକ୍ଷାର ଅଭିବୃଦ୍ଧିର ଏହା ପ୍ରତିଫଳନ ବୋଲି ସେ କହିଛନ୍ତି । ଗବେଷଣା ମନୋଭାବକୁ ଅଧିକ ତ୍ୱରାନ୍ୱିତ କରିବାକୁ ଶ୍ରୀ ରାଧାକ୍ରିଷ୍ଣନ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟର ୧ଲକ୍ଷ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଛନ୍ତି ।

---

## ଡବ୍ଲୁବି ଭୋଟର ଲିଷ୍ଟ୍

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପଶ୍ଚିମବଙ୍ଗରେ  ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅସମାପ୍ତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ଆରମ୍ଭ ହୋଇଛି । ଅନ୍‌ଲାଇନ୍ ମାଧ୍ୟମରେ ଏହି ତାଲିକା ପ୍ରକାଶ ପୂର୍ବରୁ ବୁଥ୍ ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ଅଫ୍ ଲାଇନ୍‌ରେ ଜନସାଧାରଣଙ୍କ ପାଇଁ ଏହାକୁ ପ୍ରକାଶିତ କରାଯାଇଛି । ବିଭିନ୍ନ ଜିଲ୍ଲାରେ ଭୋଟର ତାଲିକା ପ୍ରକାଶିତ ହୋଇଛି । ତେବେ ଖୁବ୍‌ଶୀଘ୍ର ୱେବ୍‌ସାଇଟ୍‌ରେ ଏହାର ଉପଲବ୍ଧତା ପାଇଁ ନିର୍ବାଚନ କମିଶନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବାଙ୍କୁରା ଏବଂ କୁଚ୍‌ବିହାର ସମେତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ସଂଶୋଧିତ ତାଲିକା ଅଫ୍‌ଲାଇନ୍ କପି ରଖାଯାଇଛି ।

ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ନିୟୋଜିତ ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ଏହି ତାଲିକାରେ ୭ କୋଟି ୮ ଲକ୍ଷ ଲୋକଙ୍କର ନାମ ରହିଛି ।

---

## କାର୍ଣ୍ଣେ ଇଣ୍ଡିଆ ଭିଜିଟ୍

କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେ ଭାରତକୁ ୪ ଦିନିଆ ସରକାରୀ ଗସ୍ତରେ ଆସି ଗତକାଲି ମୁମ୍ବାଇଠାରେ ପହଞ୍ଚିଛନ୍ତି । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ଶ୍ରୀ କାର୍ଣ୍ଣେଙ୍କର ଏହି ଗସ୍ତର ମୂଳଲକ୍ଷ୍ୟ । ମୁମ୍ବାଇଠାରେ ଆଜି ଉଦ୍ୟୋଗ ଜଗତ ସମ୍ମିଳନୀକୁ ଶ୍ରୀ କାର୍ଣ୍ଣେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହିତ ମୁମ୍ବାଇରେ ମଧ୍ୟ ଆଜି ଅନ୍ୟ କେତେକ କାର୍ଯ୍ୟକ୍ରମରେ ଶ୍ରୀ କାର୍ଣ୍ଣେ ଯୋଗଦେବେ । ଆସନ୍ତାକାଲି ସେ ନୂଆଦିଲ୍ଲୀରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କୁ ଶ୍ରୀ କାର୍ଣ୍ଣେ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

---

## ଇସ୍ରାଏଲ୍-ଇରାନ୍

ଇସ୍ରାଏଲ୍ ଓ ଆମେରିକା ପକ୍ଷରୁ ଆଜି ଇରାନ ଉପରେ ଆକ୍ରମଣ କରାଯାଇଛି । ରାଜଧାନୀ ତେହରାନ୍ ସମେତ ଇରାନର ବିଭିନ୍ନ ଅଞ୍ଚଳରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଆକ୍ରମଣ ସଂକ୍ରାନ୍ତ ୮ ମିନିଟ୍‌ର ଏକ ଭିଡ଼ିଓ ପୋଷ୍ଟ କରିଛନ୍ତି। ଓ୍ୱାଶିଂଟନ୍’ ଇରାନରେ ସାମରିକ ଅଭିଯାନ ଆରମ୍ଭ କରିଥିବା ଏଥିରେ ସୂଚନା ଦିଆଯାଇଛି । ଇରାନ ଶାସକଙ୍କ ପକ୍ଷରୁ ଆମେରିକୀୟ ଲୋକଙ୍କ ପ୍ରତି ଥିବା ବିପଦକୁ ପ୍ରତିହତ କରିବା ଏହି ଆକ୍ରମଣର ଅନ୍ୟତମ ଉଦ୍ଦେଶ୍ୟ ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି ।

ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀ ଇଜ୍ରାଏଲ୍ କାଟଜ୍ କହିଛନ୍ତି, ଇରାନ ବିରୁଦ୍ଧରେ ଇସ୍ରାଏଲ୍ ପକ୍ଷରୁ ଆଗୁଆ ଆକ୍ରମଣ କରାଯାଇଛି । ଏଥିପାଇଁ ଦେଶ ବ୍ୟାପୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ପରମାଣୁ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ପଶ୍ଚିମ ଏସିଆରେ ବ୍ୟାପକ ସାମରିକ ମୁକାବିଲା ପରିସ୍ଥିତି ଦୃଷ୍ଟିରୁ ଏହି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି । ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଆୟାତୁଲ୍ଲା ଅଲ୍ଲୀ ଖାମେନିଙ୍କ କାର୍ଯ୍ୟାଳୟ ନିକଟରେ ଆକ୍ରମଣ ହୋଇଛି । ଏହା ପରେ ଇରାନ ତା'ର ଆକାଶମାର୍ଗ ବନ୍ଦ କରିଛି । ସେଠାରେ ମୋବାଇଲ୍ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ତେବେ କ୍ଷୟକ୍ଷତି ସଂକ୍ରାନ୍ତ ତଥ୍ୟ ଏପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ । ଇରାନ ଉପରେ ଆକ୍ରମଣ ପରିପ୍ରେକ୍ଷୀରେ ଇରାକ ମଧ୍ୟ ତା'ର ଆକାଶମାର୍ଗ ବନ୍ଦ କରିଛି । ଇସ୍ରାଏଲ୍ ସେନା କହିଛି, ଇରାନ ପକ୍ଷରୁ ପ୍ରତିଶୋଧମୂଳକ ପଦକ୍ଷେପକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ପଡ଼ୋଶୀ ମିତ୍ରରାଷ୍ଟ୍ରଗୁଡ଼ିକୁ ସତର୍କ ରହିବାକୁ ପରାମର୍ଶ ଦେଇଛି ।

---

# ଏମ୍ଇଏ-ଇରାନ

ଇରାନ ଉପରେ ଇସ୍ରାଏଲ୍ର ଆକ୍ରମଣ ପରିପ୍ରେକ୍ଷୀରେ ଭାରତ' ଇସ୍ରାଏଲ୍ରେ ଥିବା ପ୍ରବାସୀ ଭାରତୀୟଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି । ଇସ୍ରାଏଲ୍ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏଥିପାଇଁ ଏକ ପରାମର୍ଶବଳୀ ଜାରି କରାଯିବା ସହ ଏହାର କଡ଼ାକଡ଼ି ପାଳନ ପାଇଁ କହିଛି । ସମସ୍ତ ଭାରତୀୟ ନାଗରିକଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେବା ଏବଂ କାର୍ଯ୍ୟକ୍ଷେତ୍ର ନିକଟସ୍ଥ ସୁରକ୍ଷିତ ସ୍ଥାନଗୁଡ଼ିକ ସଂପର୍କରେ ସୂଚନା ସଂଗ୍ରହ କରିବାକୁ ପରାମର୍ଶ ଦିଆଯାଇଛି । ସହଯୋଗ ପାଇଁ ଦୂତାବାସ ପକ୍ଷରୁ ହେଲ୍ପ ଲାଇନ୍ ନମ୍ବର ଏବଂ ଇମେଲ୍ ଜାରି କରାଯାଇଛି ।

---

# ଡିଆର୍‌ଡିଓ ଏୟାର ଡିଫେନ୍ସ ସିଷ୍ଟମ୍

ଓଡ଼ିଶାର ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ ଘାଟିରୁ ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଉଡ଼ାଣ ପରୀକ୍ଷଣ ସଫଳତାର ସହ ସଂପନ୍ନ ହୋଇଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡିଆର୍‌ଡିଓ ପକ୍ଷରୁ ୩ଟି କ୍ରମାଗତ ଭାବେ ଦୂରଗାମୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଉଡ଼ାଣ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଏହି ପରୀକ୍ଷଣରେ ବିଭିନ୍ନ ସ୍ତରର ଗତି, ବ୍ୟାପକତା ଏବଂ ଆକାଶପଥର ଉଚ୍ଚରେ ରହିଥିବା ଆହ୍ୱାନକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏଭଳି ପରୀକ୍ଷଣ କରାଯାଇଛି । ପରୀକ୍ଷଣ ବେଳେ ଏହି ପ୍ରଣାଳୀ ସଫଳତାର ସହିତ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ପ୍ରତିହତ କରିପାରିଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ସଶସ୍ତ୍ର ବାହିନୀ ଏବଂ ଅନ୍ୟ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

---

# ନ୍ୟାଶନାଲ୍ ସାଇନ୍ସ ଡେ-୧

ସମଗ୍ର ଦେଶରେ ଆଜି ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖରେ ପ୍ରଖ୍ୟାତ ପଦାର୍ଥ ବିଜ୍ଞାନୀ ସାର୍ ସି.ଭି. ରମଣଙ୍କ ଦ୍ୱାରା ରମଣ ପ୍ରଭାବ ଆବିଷ୍କାରକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ଏହି ଯୁଗାନ୍ତକାରୀ ଆବିଷ୍କାର ପାଇଁ ସି.ଭି. ରମଣଙ୍କୁ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଜାତୀୟ ବିଜ୍ଞାନ ଦିବସ ଅବସରରେ ଦେଶରେ ବିଭିନ୍ନ ବସ୍ତୁ ଉପରେ ଆଧାରିତ ବିଜ୍ଞାନ ଯୋଗାଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଅବସରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଜାତୀୟ ଉତ୍ସବ ଆୟୋଜନ କରିବ । ଚଳିତବର୍ଷର ବିଷୟବସ୍ତୁ ହେଉଛି " ବିଜ୍ଞାନରେ ମହିଳା: ବିକଶିତ ଭାରତ ସ୍ୱପ୍ନକୁ ଗତିଶୀଳ କରିବା ।"

---

## ପିଏମ୍-ସାଇନ୍ସ ଡେ

ଜାତୀୟ ବିଜ୍ଞାନ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହିତ ଗବେଷଣା, ଜାତୀୟ ବିକାଶ ଏବଂ ବିଶ୍ୱ କଲ୍ୟାଣ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଜାତୀୟ ବିଜ୍ଞାନ ଦିବସ ଅବସରରେ ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ଜନସାଧାରଣ ଗବେଷଣା, ନବସୃଜନ ଏବଂ ବୈଜ୍ଞାନିକ କୌତୂହଳର ଭାବନାକୁ ଉଜ୍ଜୀବିତ କରୁଥିବାରୁ ଏହା ଆମ ଦେଶ ସମୃଦ୍ଧିରେ ସାହାଯ୍ୟ କରିଥାଏ । ସେ କହିଛନ୍ତି, ଏହି ଦିନଟି ସି.ଭି. ରମଣଙ୍କ ଦ୍ୱାରା ରମଣ ପ୍ରଭାବର ଯୁଗାନ୍ତକାରୀ ଆବିଷ୍କାରକୁ ସ୍ମରଣ କରିଥାଏ, ଯାହା ଭାରତୀୟ ଗବେଷଣାକୁ ବିଶ୍ୱ ମାନଚିତ୍ରରେ ଦୃଢ଼ ଭାବରେ ସ୍ଥାନିତ କରିଥିଲା ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ଦିବସ ଅବସରରେ ଦେଶବ୍ୟାପୀ ବୈଜ୍ଞାନିକ ଓ ଗବେଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଯେ ବୈଜ୍ଞାନିକ ସଂପ୍ରଦାୟର ନିରନ୍ତର ପ୍ରୟାସ ଦେଶର ଅଗ୍ରଗତିରେ ସହାୟକ ହେବା ସହିତ ଏକ ଉନ୍ନତ ଭବିଷ୍ୟତ ଗଠନ ପାଇଁ ରୂପରେଖ ପ୍ରସ୍ତୁତ କରିଥାଏ ।

---

## ପିଏସ୍ଏ-ସାଇନ୍ସ ଡେ

ଦେଶର ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ୍ କହିଛନ୍ତି, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ୨୦୪୭ ବିକଶିତ ଭାରତ ମିଶନରେ ଏକ ମାଇଲଖୁଣ୍ଟ ଭାବେ କାର୍ଯ୍ୟ କରିବ । ନୂଆଦିଲ୍ଲୀରେ ଜାତୀୟ ବିଜ୍ଞାନ ଦିବସ ୨୦୨୬ର ଜାତୀୟ ସ୍ତରୀୟ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ସୁଦ୍ କହିଛନ୍ତି,

ଏହି ଦିବସ ଦେଶକୁ ଆଗକୁ ବୃଦ୍ଧି କରିବାରେ ସହାୟତା କରେ । ସେ କହିଛନ୍ତି, ସାଂପ୍ରତିକ ବର୍ଷଗୁଡ଼ିକରେ ଦେଶରେ ମହିଳାମାନଙ୍କ ନିଯୁକ୍ତି ପ୍ରାୟ ଦ୍ୱିଗୁଣିତ ହୋଇଛି । ମହିଳାମାନେ ଜାତୀୟ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ପ୍ରଫେସର ସୁଦ୍ ମହିଳାମାନଙ୍କ ବୈଜ୍ଞାନିକ ଶିକ୍ଷାରେ ଅବଦାନ ପାଇଁ ବିଜ୍ଞାନ ଜ୍ୟୋତି ଭଳି ଯୋଜନାର ମଧ୍ୟ ସେ ଉଚ୍ଚ ପ୍ରଶଂସା କରିଥିଲେ । ଦେଶରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କାରିଗରି, ଗଣିତ କ୍ଷେତ୍ରରେ ସ୍ନାତକ ହାସଲ କରୁଥିବା ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଶ୍ରୀ ସୁଦ୍ କହିଛନ୍ତି ।

# କ୍ରିକେଟ୍ ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍‌ର ଦ୍ୱିତୀୟ ଗ୍ରୁପ୍‌ର ସୁପର୍-୮ ପର୍ଯ୍ୟାୟର ଏକ ମ୍ୟାଚ୍ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ । ଶ୍ରୀଲଙ୍କାର ପାଲେକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଇଂଲଣ୍ଡ' ନ୍ୟୁଜିଲ୍ୟାଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କରିଛି । ଆସନ୍ତାକାଲି କୋଲ୍‌କାତାଠାରେ ଭାରତ'ୱେଷ୍ଟଇଣ୍ଡିଜ୍ ମଧ୍ୟରେ ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ ।